# Startup India International Summit

January 14, 2021

## ଷ୍ଟାର୍ଟଅପ୍ ଭାରତ ଆନ୍ତର୍ଜାତୀୟ ସମ୍ମିଳନୀ

**ଜାନୁଆରୀ 14, 2021**

1. 'ପ୍ରାରମ୍ଭ' - ଷ୍ଟାର୍ଟଅପ୍ ଭାରତ ଆନ୍ତର୍ଜାତୀୟ ସମ୍ମିଳନୀ 15-16 ଜାନୁଆରୀ 2021 ରେ ଶିଳ୍ପ ପ୍ରୋତ୍ସାହନ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ବିଭାଗ (ଡିପିଆଇଆଇଟି) ଦ୍ୱାରା ଭର୍ଚୁଆଲ୍ ଉପାୟରେ ଆୟୋଜିତ ହେଉଛି। ଏହି ସମ୍ମିଳନୀ ଷ୍ଟାର୍ଟଅପ୍ ଭାରତ ପଦକ୍ଷେପର 5 ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେଉଛି। ଏହି ପଦକ୍ଷେପ ଦ୍ୱାରା ଦେଶର ପ୍ରତ୍ୟେକ କୋଣରେ ଉଦ୍ୟମିମାନଙ୍କୁ ପ୍ରୋତ୍ସାହନ ମିଳିଛି। ଜାନୁଆରୀ 15 ରେ ମାନ୍ୟବର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଏହି ସମ୍ମିଳନୀକୁ ଉଦଘାଟନ କରିବେ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଜାନୁଆରୀ 16 ରେ ସମ୍ମିଳନୀର ମହା ଅଧିବେଶନ (ସମାପ୍ତି ଅଧିବେଶନ) କୁ ସମ୍ବୋଧିତ କରିବେ।

2. 'ପ୍ରାରମ୍ଭ' ସମ୍ମିଳନୀ ଜରିଆରେ ବିଶ୍ୱର ବିଶିଷ୍ଟ ନୀତି ନିର୍ମାତା, ଶିଳ୍ପ, ଶିକ୍ଷା, ନିବେଶକ, ଷ୍ଟାର୍ଟଅପ୍ ଏବଂ ସମସ୍ତ ହିତାଧିକାରୀ ଏକାଠି ହେବେ ବୋଲି ଆଶା କରାଯାଉଛି। ସମଗ୍ର ବିଶ୍ୱର ସର୍ବୋତ୍ତମ ବ୍ୟବସ୍ଥାର ଶ୍ରେଷ୍ଠ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋଚନା କରିବା ସହିତ ସମ୍ମିଳନୀର ଅଧିବେଶନଗୁଡ଼ିକ ଭାରତରେ ନବସୃଜନ ଉପରେ ଆଧାରିତ ଉଦ୍ୟୋଗର ବିସ୍ତାର ଏବଂ ଗଭୀରତାକୁ ପ୍ରଦର୍ଶନ କରିବାକୁ ଯୋଜନା କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଭାରତରେ ଷ୍ଟାର୍ଟଅପ୍ ପାଇଁ ବିଶ୍ୱ ନିବେଶକଙ୍କ ଧ୍ୟାନ ଆକର୍ଷଣ କରିବା, ଘରୋଇ ପୁଞ୍ଜି ସଂଗ୍ରହ କରିବା, ଆମ ଦେଶର ଷ୍ଟାର୍ଟଅପ୍ ପାଇଁ ଆନ୍ତର୍ଜାତୀୟ ବଜାରରେ ପ୍ରବେଶ ପାଇଁ ସୁଯୋଗ ପ୍ରଦାନ କରିବା ଏବଂ ନୀତି ନିୟମକୁ ସୁଗମ କରିବା।

3. ସମ୍ମିଳନୀର ପ୍ରଥମ ଦିନ ବିମସଟେକ୍ ଷ୍ଟାର୍ଟଅପ୍ କନକ୍ଲେଭ ଆୟୋଜିତ ହେବ। ଉଦ୍ୟମିମାନଙ୍କ ମଧ୍ୟରେ ସମ୍ପର୍କକୁ ବୃଦ୍ଧିକରିବା ପାଇଁ ଅଗଷ୍ଟ 2018 ରେ କାଠମାଣ୍ଡୁଠାରେ ଅନୁଷ୍ଠିତ ଚତୁର୍ଥ ବିମସଟେକ୍ ସମ୍ମିଳନୀରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଘୋଷଣା ମଧ୍ୟରୁ ଏହା ଅନ୍ୟତମ। ଏହି ସମ୍ମିଳନୀରେ ବାଙ୍ଗଲାଦେଶ, ଭୁଟାନ, ମିଆଁମାର, ନେପାଳ ଏବଂ ଶ୍ରୀଲଙ୍କାର ମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀ, ଥାଇଲ୍ୟାଣ୍ଡର ରାଷ୍ଟ୍ରୀୟ ନବସୃଜନ ସଂସ୍ଥାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିମସଟେକ୍ ମହାସଚିବ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ ବୋଲି ନିଶ୍ଚିତ କରିଛନ୍ତି।

4. ଦୁଇ ଦିନର ଏହି ସମ୍ମିଳନୀରେ ବିଭିନ୍ନ ବିଷୟବସ୍ତୁ ଉପରେ ଷ୍ଟାର୍ଟଅପ୍ ଏବଂ ଅନ୍ୟ ହିତାଧିକାରୀଙ୍କ ଯୋଗଦାନରେ ପ୍ୟାନେଲ୍ ଆଲୋଚନା ହେବ। ବିମସଟେକ୍ ଷ୍ଟାର୍ଟଅପ୍ କନକ୍ଲେଭରେ ଶ୍ରେଷ୍ଠ କାର୍ଯ୍ୟ ପ୍ରଣାଳୀ ଉପରେ ଚର୍ଚ୍ଚା, ଜ୍ଞାନ ବିନିମୟ କର୍ମଶାଳା, ବହୁପକ୍ଷୀୟ ଇନକ୍ୟୁବେଟର କାର୍ଯ୍ୟକ୍ରମ ଏବଂ ସାମାଜିକ ନବସୃଜନକୁ ପ୍ରୋତ୍ସାହିତ କରିବା ବିଷୟବସ୍ତୁ ଉପରେ ସାତୋଟି ପ୍ୟାନେଲ ଆଲୋଚନା ହେବ। ବିମସଟେକ୍ ଦେଶରୁ 100 ରୁ ଅଧିକ ଷ୍ଟାର୍ଟଅପ୍ ଭର୍ଚୁଆଲ୍ ଷ୍ଟାର୍ଟଅପ୍ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ବିମସଟେକ୍ ଦେଶଗୁଡିକର ଷ୍ଟାର୍ଟଅପ୍ ସମେତ ମନୋନୀତ ଷ୍ଟାର୍ଟଅପ୍ ମାନେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହ ମହା ଅଧିବେଶନରେ ବାର୍ତ୍ତାଳାପ କରିବାକୁ ସୁଯୋଗ ପାଇବେ।

5. ଭର୍ଚୁଆଲ୍ ଶିଖର ସମ୍ମିଳନୀ ବିଶ୍ୱ ତଥା ଭାରତର 200 ରୁ ଅଧିକ ବିଶିଷ୍ଟ ବକ୍ତାଙ୍କୁ ଏକାଠି କରିବ। ଏହି ସମ୍ମିଳନୀ ଦ୍ୱାରା ପ୍ରଯୁକ୍ତିବିଦ୍ୟା, ନବସୃଜନ, ଠୋସ ନୀତି ଏବଂ ପଦକ୍ଷେପ ଉପରେ ଆଲୋଚନା ସହଜ ହେବ, ସରକାରୀ ତଥା ଆନ୍ତର୍ଜାତୀୟ ସଂଗଠନଗୁଡ଼ିକ ସେମାନଙ୍କ ମତାମତ ବାଣ୍ଟିବାକୁ ସକ୍ଷମ ହେବେ ଏବଂ ଯୁବ ଭାରତୀୟ ଉଦ୍ୟମିମାନେ କେବଳ ଭାରତ ପାଇଁ ନୁହେଁ ସମଗ୍ର ବିଶ୍ୱ ପାଇଁ ବିଭିନ୍ନ ସମସ୍ୟାର ସମାଧାନ କରିବାପାଇଁ ଆଗେଇ ଆସିବେ।

**ନୂଆଦିଲ୍ଲୀ**

**ଜାନୁଆରୀ 14, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.